**T. Mohan Sahu**, Son of T. Budhia Sahu, Aged about- 64 years at Baranga Panchayat under Patrapur Block of Ganjan District in Odisha. Before one year his general treatments was not cured and day to day health condition much suffered / affected illness and physically weakend along with faced terrible financial condition on regular treatments with living standard. In the mean time, the Primary Health Centre, Baranga and "PROGREESS" Jointly been organized of Community review meeting and focus group discussion at Baranga village by the PHC Coordinator and AYUSH Medical Officer along with other staff and they identified as the patients had been affected of TB decease and immediate they referred to Community Health Centre at Patrapur Block head quarter of Tuberculosis Laboratory for sputum testing. When it occurred such positive cases already he was involved acute Tuberculosis case. We already been started treatments of continuing follow-up, interim health checkup etc. which had successful performed by our volunteers. Now the patient was completely cured from TB. He is one of our co-mobilizer and took determinate (Stop TB) to reveal / propagate the TB Dots message towards grassroots where there was not avail any facilities of TB in outreach/ tribal area.



Now He is a Community mobilizer being attended in all sorts of TB related programme, Rally, Meeting, Group discussions in our area. Also interested to involve TB related trainings & programms for formation of "Free from TB in the society"

THE BIPLABI PARIKRAMA

# ବିପ୍ଳବୀ ପରିକ୍ରମା

(ଜଙ୍ଗଲ ସମାଜ ଦ୍ୱାରା ପ୍ରକାଶିତ) RNI Regd.No.-ODIODI/2013/50740

ଦୁର୍ନୀତି, ଶୋଷଣ ବିରୁଦ୍ଧ ଓ ସାମାଜିକ୍-ଅର୍ଥନୈତିକ ବିକେନ୍ଦ୍ରିକରଣର ମାସିକ ମୁଖପତ୍ର

EWSLETTER FOR ANTI-CORRUPTION, ANTI-EXPLOITATION & PROMOTION OF SOCIO-ECONOMIC D

ବ୍ରହ୍ମପୁର Brahmapur | ୨ ଅଗଷ୍ଟ 2 August | ୨୦୧୩ 2013 | ଶୁକ୍ରବାର Friday | ୪ ପୃଷ୍ଠା 4 Pages

## ନିଶ୍ଚିତ ଆରୋଗ୍ୟର ସୁନିଶ୍ଚିତ ପ୍ରତିଶୃତି - ଯକ୍ଷ୍ମା

ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକ୍‌ରେ ଟି. ମୋହନ ସାହୁ, ପିତା- ଟି. ବୁଦ୍ଧିଆ ସାହୁ, ବୟସ- ୬୪, ଗ୍ରାମପଞ୍ଚାୟତ-ବରଙ୍ଗ, ଆଜକୁ ପ୍ରାୟ ଏକ ବର୍ଷ ହେବ ଥଣ୍ଡା ଜ୍ୱର ଓ କାଶ ଭାବି ବିଭିନ୍ନ ଔଷଧ ଖାଇବା ପରେ କିଛି କମିଲା ନାହିଁ । ଦୁର୍ବଳ ହୋଇ ଘରେ ପଡ଼ି ରହିଲି । ମୁଁ କାମକୁ ଗଲେ ପରିବାର ଚଳେ । ଘରେ ରୋଗୀଣ ହୋଇ ପଡ଼ିବା ଦ୍ୱାରା ଆସବାବ୍ ପତ୍ର ବିକ୍ରି କରି ଚଳିବାକୁ ପଡ଼ିଲା । ଗ୍ରାମ ମଣ୍ଡପରେ ଅଗ୍ରାଧିକାର ଭିତ୍ତିରେ ଗୋଷ୍ଠୀ ଭିତ୍ତିକ ଆଲୋଚନା ବୈଠକକୁ ବରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସଂଯୋଜକ ଓ ଆୟୁଷ ଡ଼ାକ୍ତର ଆସିଥିଲେ । ସେ ମୋତେ ଦେଖି ଟି. ବି. ହୋଇଥାଇପାରେ ବୋଲି କହି ପରୀକ୍ଷା କରିବା ପାଇଁ ଆଶା ଦିଦି ସହିତ ପାତ୍ରପୁର ପଠାଇଲେ । ପାତ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ଓ କଫ ପରୀକ୍ଷା ଦ୍ୱାରା ଟି.ବି. ବୋଲି ନିଦାନ ଜଣାପଡ଼ିଥିଲା । ସେହି ଦିନ ଠାରୁ ଆଶା ଦିଦି ଟି.ବି. ଔଷଧ ଆଣି ନିଜେ ପ୍ରତି ଦିନ ଔଷଧ



ଖାଇବାକୁ ଦେଲେ । ଛଅ ସପ୍ତାହ ଔଷଧ ଖାଇଲା ପରେ ମୁଁ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ କରୁଛି ।

ବର୍ତ୍ତମାନ ମୋହନ ସାହୁ କୌଣସି ଲୋକଙ୍କୁ ପାଞ୍ଚ ସାତ ଦିନ କାଶ ହେଲେ ବରଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଜେ ସାଙ୍ଗରେ ଧରି ଆସୁଛି । ସେ ବର୍ତ୍ତମାନ ପୂର୍ବ ଭଳି କାମ କରିବାକୁ ଯାଉଛି ।

ଗ୍ରାମରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ କମିଟି ଓ ଅଗ୍ରାଧିକାର ଭିତ୍ତିରେ ଗୋଷ୍ଠୀ ଭିତ୍ତିକ ଆଲୋଚନା ସଭା ହେଲେ ସ୍ୱାସ୍ଥ୍ୟ ସମ୍ବନ୍ଧରେ ବିଭିନ୍ନ ବାର୍ତ୍ତା ଓ ପରିବେଶ ପରିମଳ ବିଷୟରେ ଚର୍ଚ୍ଚା ହୁଏ । ଡ଼ଟ୍‌ସ ଖାଇଲେ ଟି. ବି. ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ ବୋଲି ସେ ନିଜେ ତାର ଉଦାହରଣ ମିଳେ ବୋଲି ଲୋକଙ୍କୁ ବୁଝାଏ । ଏହା ଭାର 'ପ୍ରୋଗ୍ରେସ୍' ଓ ବରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମିଳିତ ଉଦ୍ୟମରେ ଅଞ୍ଚଳରେ ଏପରି ବହୁ ଯକ୍ଷ୍ମାରୋଗୀଙ୍କୁ ସଂପୂର୍ଣ୍ଣ ଭଲ ହେବା ନିମନ୍ତେ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି ।